## ମଦ ଜବତ, ୧୩ ଗିରଫ

ପାରଳାଖେମୁଣ୍ଡି(ଗିରିଧାରୀ ପରିଛା): ଗଜପତି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ପ୍ରଭାତ କୁମାର ସେଠୀଙ୍କ ନେତୃତ୍ୱରେ ପାରଳାଖେମୁଣ୍ଡି ସହର ଏବଂ ଆଖପାଖ ଅଞ୍ଚଳରେ ଚଢ଼ାଉ କରାଯାଇ ୨୬୦ଲିଟର ଦେଶୀ ମଦ ଓ ୨୫ଲିଟର ତାଡି ଜବତ କରାଯାଇଛି। ଘଟଣାରେ ୧୩ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବ୍ୟୁରୋର ଉପଅଧିକ୍ଷକ କୁବେର ସିଂ, ଭ୍ରାମ୍ୟମାଣ ଅବକାରୀ ଏଏସଆଇ ସୁରେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ ।

**ସଂକ୍ଷେପରେ**

## ୩ ଶିଶୁ ଶ୍ରମିକ ଉଦ୍ଧାର

ପାରଳାଖେମୁଣ୍ଡି, ୮।୧୨ (ଗିରିଧାରୀ ପରିଛା):

ଜିଲା ଶ୍ରମ ବିଭାଗ, ଜିଲା ଶିଶୁ ସୁରକ୍ଷା ୟୁନିଟ, ଶିଶୁ ମଙ୍ଗଳ ସମିତି, ସିସିଡ଼ି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପୋଲିସ ପ୍ରଶାସନର ମିଳିତ ସହଯୋଗରେ ଶୁକ୍ରବାର ପାରଳାଖେମୁଣ୍ଡି ସହରରେ ଥିବା ବିଭିନ୍ନ ଦୋକାନ, ଗ୍ୟାରେଜ, ହୋଟେଲରେ ଚଢ଼ାଉ କରାଯାଇଥିଲା। ଜିଲା ଶ୍ରମ ଅଧିକାରୀ ଲୋକନାଥ ପଣ୍ଡା, ଅତିରିକ୍ତ ଜିଲା ଶ୍ରମ ଅଧିକାରିଣୀ ଭାରତୀ ବେହେରା, ଶିଶୁ ମଙ୍ଗଳ ସମିତିର ସଭ୍ୟା ମମତା ଶତପଥି ପ୍ରମୁଖ ଯୋଗଦେଇଥିଲେ। ଚଢ଼ାଉ ବେଳେ ରାଜଦାଣ୍ଡସ୍ଥିତ ୟୁନିକ ହୋଟେଲରୁ ଜଣେ ନାବାଳକ ଓ ଜଣେ ନାବାଳିକା ଉଦ୍ଧାର ହୋଇଥିଲେ। ନୂଆ ବସଷ୍ଟାଣ୍ଡ ସ୍ଥିତ କେ. ଦିଲିପ ମୋଟର ଗ୍ୟାରେଜରୁ ଜଣେ ନାବାଳକ ଉଦ୍ଧାର ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଗଞ୍ଜାମ, ଅନ୍ୟଜଣେ ଗଜପତି ଜିଲା ପାରଳାଖେମୁଣ୍ଡି ଓ ନାବାଳିକା ଜଣକ ରାୟଗଡ଼ ବ୍ଲକର ବୋଲି ସୂଚନା ମିଳିଛି। ଉଦ୍ଧାର ହୋଇଥିବା ନାବାଳକ ଓ ନାବାଳିକାମାନଙ୍କୁ ଜିଲା ଶିଶୁ ମଙ୍ଗଳ ସମିତି ଆଗରେ ଉପସ୍ଥାପନ କରାଯାଇ ସେମାନଙ୍କୁ ଜିଲା ପ୍ରଶାସନ ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନ ଯଥା ଶ୍ରୀଜଗନ୍ନାଥ ନିକେତନ, ଆର୍.ସୀତାପୁର ଓ ପ୍ରାଉଡ଼, ବି.ସୀତାପୁରଠାରେ ଥଇଥାନ କରାଯାଇଛି।

## ବସ୍ ଧକ୍କାରେ ବୃଦ୍ଧ ମୃତ

ଦିଗପହଣ୍ଡି,୮।୧୨(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମରେ ବସ୍ ଧକ୍କାରେ ଗୁରୁତର ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଥିବା ଏସ. ଗଣପତି ଦୋରା ଶୁକ୍ରବାର ସକାଳେ ମୃତ୍ୟୁବରଣ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅପରାହ୍ନରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବୁଧବାର ଭୋର ପ୍ରାୟ ୫ ଟାରେ ଗଣପତି ଘରୁ ଚାହା ପିଇବା ପାଇଁ ବଜାର ଯାଉଥିବା ବେଳେ କୋଟପାଡ଼ରୁ ଭାୟା ଦିଗପହଣ୍ଡି ଦେଇ ବ୍ରହ୍ମପୁର ଯାଉଥିବା ଏକ ଘରୋଇ ବସ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇଥିବା ବସକୁ ପୋଲିସ ଜବତ କରିଥିବା ଜଣାପଡିଛି।

## ଶିଶୁ ସୁରକ୍ଷା ପ୍ରଶିକ୍ଷଣ

ମୋହନା,୮।୧୨(ମନ୍ମଥ ମିଶ୍ର)– ମୋହନା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶିଶୁ ସୁରକ୍ଷା ଉପରେ ଖବରଦାତାଙ୍କୁ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଯାଇଛି। ମୋହନା, ଆର୍.ଉଦୟଗିରି ଓ ନୂଆଗଡ ବ୍ଲକରେ କାର୍ଯ୍ୟରତ ଖବରଦାତାମାନେ ଯୋଗ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ବାଲ୍ୟ ବିବାହ ରୋକାଯାଇପାରିବ, ଯୌନ ନିର୍ଯାତନାରୁ ଶିଶୁଙ୍କୁ ରକ୍ଷା କରିବା, ବେଟି ବଚାଓ ବେଟି ପଢ଼ାଓ ଭଳି ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ଅତିରିକ୍ତ ବିଡ଼ିଓ ରମାକାନ୍ତ ଚୌଧରୀ, ପ୍ରେସ କ୍ଲବ୍ ସଭାପତି ଲକ୍ଷ୍ମଣ ଚୌଧୁରୀ, ସମ୍ପାଦକ ପ୍ରେମାନନ୍ଦ ପୂଜାରୀ, ବାବୁଲା ସେଠୀ, ପଞ୍ଚାନନ ଦାଶ, ଅଶ୍ୱିନ ପାତ୍ର, ଗଣେଶ ବିଷୋୟୀ, ପିଣ୍ଟୁ ପ୍ରଧାନ, ସୁମନ ପଟ୍ଟନାୟକ, ମନ୍ମଥ ମିଶ୍ର, ନରସିଂହ ପୁଜାରୀ, ଅଂଶୁମାନ ପଣ୍ଡା, ବାଦଲ ବେହେରା, ଆର୍ ଉଦୟଗିରି ବ୍ଲକ୍‌ର ମୁନା ଖାନ୍, ଦେବାଶିଷ କାର୍ଜୀ, ନାରାୟଣ ପାଇକ, ସନ୍ତୋଷ ପଲ୍ ଓ ନୂଆଗଡ ବ୍ଲକ୍‌ର ଖବରଦାତା ଉପସ୍ଥିତ ଥିଲେ।

# ଦାରିଙ୍ଗବାଡ଼ି ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ୧୮ କୋଟି

ଦାରିଙ୍ଗବାଡ଼ି,୮।୧୨ (ଅରୁଣ ସାହୁ)



ଉପବାଚସ୍ପତି କାର୍ଯ୍ୟ ପରିଦର୍ଶନ କରୁଛନ୍ତି।

ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ି ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବ । ପୂର୍ବରୁ ରାଜ୍ୟ ସରକାର ଏହି ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ପାଇଁ ଲକ୍ଷାଧିକ ଅନୁଦାନ ଦେଇଥିବା ବେଳେ ପୁଣି ଏବେ ୧୮ କୋଟି ଅନୁଦାନ ମିଳିଛି । ପୂର୍ତ୍ତ ବିଭାଗକୁ ଏହାର ଦାୟିତ୍ୱ ଦେଇଛନ୍ତି । ପ୍ରତିବର୍ଷ ପର୍ଯ୍ୟଟକଙ୍କ ଭିଡ଼ ବୃଦ୍ଧି ପାଉଛି । ଟ୍ରାଫିକ ଓ ଗାଡି ପାର୍କିଂ ଆଦି ସମସ୍ୟା ଲାଗି ରହୁଛି । ଏଥିଯୋଗୁଁ ସହରବାସୀଙ୍କ ଉପରେ ପ୍ରଭାବ ପଡୁଛି। ତେଣୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଥି ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଛି। ଏହି ଅନୁଦାନରେ ୬ ଏକର ଜମିରେ କଟେଜ ନିର୍ମାଣ କରାଯିବ । ରାତ୍ରିଯାପନ କରିବାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ପଞ୍ଚତାରକା ହୋଟେଲର ବ୍ୟବସ୍ଥା କରାଯିବା ଯୋଜନା ରହିଛି । ସେଥିପାଇଁ ୩ କୋଟି ଟଙ୍କା ବ୍ୟୟ କରାଯିବ । ସେଠାରେ ୨ ଏବଂ ୪ ଚକିଆ ଯାନ ପାଇଁ ପାର୍କିଂ ସ୍ଥାନ ପ୍ରଦାନ କରାଯିବ । ଚେକ ପଏଣ୍ଟ ବାହାରେ ବ୍ରେକର ରଖିବାକୁ ଅନୁମତି ମିଳିବ । ସେହିପରି କାଫେରିଆ ନିଜେ ବାଢି ଖାଇବା ଭୋଜନାଳୟ କେନ୍ଦ୍ର ନିର୍ମାଣ ସହିତ ଫଟୋଗ୍ରାଫି ଜୋନ ଏବଂ ସାଧାରଣ ପ୍ରବେଶ ବ୍ୟବସ୍ଥା ପାଇଁ ଟ୍ରାକିଂ ପଥ ଚିହ୍ନଟ କରାଯିବ ବୋଲି ଯୋଜନାରେ କୁହାଯାଇଛି। ଏଥିପାଇଁ ଶୁକ୍ରବାର ସରକାରଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ପ୍ରଶାସନ ଦ୍ୱାରା ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି । ୫୯ ନଂ. ଜାତୀୟ ରାଜପଥ କଡ଼ ତଥା ଇକୋ ରିଟ୍ରିଟ ନିକଟରେ ଜମି ଚିହ୍ନଟ ହୋଇଛି । ଡବେରୀ ନିକଟରେ ଏକ ଗାଡି ପାର୍କିଂ ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି । ପ୍ରଜାପତି ଉଦ୍ୟାନ ସହ କଫି ବଗିଚାର ଉନ୍ନତୀକରଣ କାର୍ଯ୍ୟ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ତହସିଲଦାର ଶରତ ଶବର, ବିଡ଼ିଓ ଗଦାଧର ପାତ୍ର, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ସ୍ୱାଇଁ ପ୍ରମୁଖ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ବିଧାନସଭାର ଉପ ବାଚସ୍ପତି ସାଲୁଗା ପ୍ରଧାନ ସମସ୍ତ କାର୍ଯ୍ୟ ପରିଦର୍ଶନ କରିଛନ୍ତି ।

## ମୀନକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ପାରଳାଖେମୁଣ୍ଡି, ୮।୧୨ (ଗିରିଧାରୀ ପରିଛା):

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଗ୍ରାମଠାରେ ଥିବା ମୀନକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଶୁଭାରମ୍ଭ ହୋଇଛି। ଯୁବ ଓଡିଶା ନବୀନ ଓଡିଶା ଅନ୍ତର୍ଗତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆଧାରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପ୍ରଥମ ଦିବସରେ ବ୍ଲକ ଅଧ୍ୟକ୍ଷ ଏନ.ବୀରରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିବା ବେଳେ ବିଡିଓ ଅଜୟ କୁମାର ପ୍ରଧାନ, ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର, ଗୁରାଣ୍ଡି ସରପଞ୍ଚ ଶିଲ୍ପା ପାତ୍ର, ସମିତି ସଭ୍ୟା ପି. ମୀନାକ୍ଷି, ଗୁରାଣ୍ଡି ଥାନାର ଏସଆଇ ବଳରାମ ବେହେରା, ମୀନକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତ୍ରିପତି ବାଲାଜି ପରିଚ୍ଛା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ସୂର୍ଯ୍ୟନାରାୟଣ ରାଓ ପରିଚାଳନା କରିଥିବା ବେଳେ ରଶ୍ମିତା ସାମଲ ମଞ୍ଚ ପରିଚାଳନା କରିଥିଲେ। ଏହି ଚାରିଦିନିଆ କ୍ରୀଡା ପ୍ରତିଯୋଗିତାରେ ବିଭିନ୍ନ ଖେଳକୁଦ ତଥା ଲମ୍ଫ ଡିଆଁ, ବିଭିନ୍ନ ବର୍ଗର ଦୌଡ, କବାଡି ଖୋଖୋ, ଭଲିବଲ ଆଦି ନିମନ୍ତେ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ପ୍ରଦାନ କରାଯାଇଛି। ଉକ୍ତ କ୍ରୀଡା ପ୍ରତିଯୋଗିତା ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ।

# କେଏସ୍‌ୟୁବି କଲେଜର ଭିତ୍ତିଭୂମି ସୁଦୃଢ଼ ହେବ

### ୧୩ରେ ନୂତନ କୋଠା ଉଦ୍‌ଘାଟନ, ସମୀକ୍ଷା କଲେ ଅର୍ଥମନ୍ତ୍ରୀ

ଭଞ୍ଜନଗର, ୮।୧୨(ବାବୁଲା ପ୍ରଧାନ):

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଭିତ୍ତିଭୂମି ପୂର୍ବ ଅପେକ୍ଷା ଆହୁରି ସୁଦୃଢ଼ ହେବ। ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଉଦ୍ୟମ କ୍ରମେ କଲେଜର ଭିତ୍ତିଭୂମି ସୁଦୃଢ଼ ପାଇଁ ବିପୁଳ ଅର୍ଥ ରାଜ୍ୟ ସରକାର ଇତିମଧ୍ୟରେ ଦେଇଛନ୍ତି। ଆସନ୍ତା ୧୩ ତାରିଖରେ ବିଶ୍ୱବ୍ୟାଙ୍କ ସହାୟତାରେ ୩ କୋଟି ୨୯ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ନୂତନ କୋଠା ଉଦଘାଟନ ହେବ। ଏଥିସହ ପୁରୁଣା ଟିଣ ଘରଗୁଡିକୁ ଭାଙ୍ଗି ନୂତନ କୋଠା ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ହେବ। ଏଥିସହ ଅନ୍ୟାନ୍ୟ ଉନ୍ନତୀକରଣ ହେବ। ଏବାବଦରେ ବିପୁଳ ଅର୍ଥ ଅନୁମୋଦନ ହୋଇଛି। ମନ୍ତ୍ରୀ ଆରୁଖ ଶୁକ୍ରବାର କେଏସୟୁବି କଲେଜରେ ପହଞ୍ଚି ଭିତ୍ତିଭୂମି ବୁଲି ଦେଖିଥିଲେ। ୧୩ ତାରିଖରେ ହେବାକୁ ଥିବା ଉତ୍ସବରେ ଅର୍ଥମନ୍ତ୍ରୀଙ୍କ ସହ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଅତନୁସବ୍ୟସାଚୀ ନାୟକ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମନ୍ତ୍ରୀଙ୍କ ଗସ୍ତ ସମୟରେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଆଶିଷ କୁମାର ନାୟକ, କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର କଲେଜ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, କଲେଜ ଅଧ୍ୟକ୍ଷ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀଙ୍କୁ ଆଲୋଚନା ପାଇଁ ମନ୍ତ୍ରୀ ଡକାଇଥିବା ଜଣାପଡ଼ିଛି।

## ପୃଥକ ଆକ୍ରମଣ ମାମଲା : ୨ ଗିରଫ

ଆସିକା,୮।୧୨(ସୁରେନ୍ଦ୍ର ନାଥ ସାହୁ)

ଆସିକା ଥାନା ଅଞ୍ଚଳରେ ଗୁରୁବାର ପୃଥକ ୨ଟି ଆକ୍ରମଣ ମାମଲାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଆସିକା ତୋଟା ସାହିର ରାଜା ପାତ୍ର ଓ ନବରତ୍ନପୁର ଗ୍ରାମର ମଙ୍ଗୁଲୁ ପୋଲାଇ । ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଆସିକା ଥାନାରେ ଦୁଇ ମାମଲା (୭୪୮ ଓ ୭୪୯/୨୩) ରୁଜୁ ହୋଇଛି। ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସ୍ୱରୂପ କିସାନ କହିଛନ୍ତି । ଆସିକା ତୋଟାସାହିର ରାଜା ତାଙ୍କ ସ୍ତ୍ରୀ ନମିତା ପାତ୍ରଙ୍କୁ ନିଜ ଖର୍ଚ୍ଚ ଲାଗି ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ସ୍ୱାମୀ ଟାଙ୍ଗିଆରେ ଆକ୍ରମଣ କରିଥିବା ନମିତା ଥାନାରେ ଅଭିଯୋଗ କରିଥିଲେ । ସେହିପରି ନବରତ୍ନପୁର ଗ୍ରାମରେ ମଙ୍ଗୁଲୁ ଘରୋଇ କଳିକୁ କେନ୍ଦ୍ର କରି ତାଙ୍କ ବାପା ମହେଶ୍ୱର ପୋଲାଇଙ୍କୁ ଗାଁ ଦାଣ୍ଡରେ ଗୋଡାଇ ଗୋଡାଇ ଟାଙ୍ଗିଆରେ ହାଣିବା ଲାଗି ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଥିଲା।

## ପ୍ରାଥମିକ ଶିକ୍ଷକ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ଜି.ଉଦୟଗିରି,୮।୧୨(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ହାତୀଶାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନବ ନିର୍ବାଚିତ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ସଂଘର ବ୍ଲକ ସଭାପତି ଭାବେ ଶ୍ରୀରାମ ପଦାରବିନ୍ଦ ଆଚାର୍ଯ୍ୟଙ୍କୁ ଉପଢୌକନ ଦେଇ ଶପଥପାଠ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେହିପରି ଉପସଭାପତି ବସନ୍ତ କୁମାର ପ୍ରଧାନ, ଉପସଭାନେତ୍ରୀ ନୀଳିମା ପ୍ରଧାନ, ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ସହ ସମ୍ପାଦିକା ରାଣୀମା ପାଣିଗ୍ରାହୀ, ଆଲୋକ କୁମାର ନାୟକ, ବିନୟ କୁମାର ନାୟକ, କୋଷାଧ୍ୟକ୍ଷ ପ୍ରାଣକୃଷ୍ଣ ନାୟକ, ସଂଯୋଜକ ପ୍ରଭଞ୍ଜନ ଆଚାର୍ଯ୍ୟ ଶପଥ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷକ ସଭାପତି କିଶୋର ଚନ୍ଦ୍ର କହଁର, ରାଜ୍ୟ ଆଞ୍ଚଳିକ ସମ୍ପାଦକ ବିଦେଶୀ ନାୟକଙ୍କ ସହ ଅବସରପ୍ରାପ୍ତ ଶିକ୍ଷକ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ, ବିଶ୍ୱରଞ୍ଜନ ନାୟକ, ନୀଳିମା ପ୍ରଧାନ, ଚତୁର୍ଭୁଜ ସାହୁ, ଏମଡି.ଜାମିଲ, ପ୍ରେସ କ୍ଲବ ସଭାପତି ଅରୁଣ କୁମାର ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

# ଯବାନଙ୍କୁ ହତ୍ୟା ମାମଲାରେ ୫ ଗିରଫ

ଛତ୍ରପୁର,୮।୧୨ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ):



ଗିରଫ ଅଭିଯୁକ୍ତ।

ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ଅଧିନ କାଳିପଲ୍ଲୀ ଗାଁର ତଥା ସେନା କର୍ମଚାରୀ ଜେ.ଡିଲେଶ୍ୱର ପାତ୍ରଙ୍କୁ ହତ୍ୟା ମାମଲାରେ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଚମାଖଣ୍ଡି ଥାନା ଅଧୀନ କାଳିପଲୀ ଗାଁର ଜେ. କଲ୍ୟାଣୀ ପାତ୍ର, ବି. ଚେନେୟା ପାତ୍ର, ସିଏଚ. ଶେଖର ପାତ୍ର ଓ ନିମଖଣ୍ଡି ଥାନା ଜି. ଜଗନ୍ନାଥପୁର ଗାଁର ବି. ବୁଲୁ ପାତ୍ର, ସିଏଚ. ଭିକି କୁମାର ପାତ୍ର। ଏମାନଙ୍କ ଠାରୁ ୨ ଟି ଲେଖାଏଁ ବାଇକ ଓ ମୋବାଇଲ ଜବତ କରାଯାଇଛି। ପୂର୍ବଶତ୍ରୁତା କାରଣରୁ ଏହି ହତ୍ୟା ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ଗଣେଷ ପୂଜା ବିସର୍ଜନକୁ କେନ୍ଦ୍ରକରି ମୃତ ଡିଲେଶ୍ୱରଙ୍କ ଗୋଷ୍ଠୀ ଓ ଅଭିଯୁକ୍ତଙ୍କ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ସମାଧାନ ହୋଇଥିଲା। ଡିଲେଶ୍ୱର ଭାରତୀୟ ସେନା ବାହିନୀରେ ଚାକିରି କରନ୍ତି। ନିଜର କନ୍ୟା ସନ୍ତାନ ଜନ୍ମ ହେବାରୁ ସେ ୨୦ ଦିନ ପାଇଁ ଛୁଟିରେ ଆସିଥିଲେ। ୩ ତାରିଖରେ ଗୋପାଳପୁରଠାରେ ଚାଲିଥିବା କ୍ରିକେଟ ମ୍ୟାଚରେ ଅତିଥି ଭାବେ ଡିଲେଶ୍ୱର ଯୋଗଦେଇଥିଲେ। ସେଠାରେ ମଧ୍ୟ ତାଙ୍କ ସହ ଅଭିଯୁକ୍ତଙ୍କ ଯୁକ୍ତିତର୍କ ହୋଇଥିଲା। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଗୋପାଳପୁରରୁ କ୍ରିକେଟ ଖେଳ ଦେଖି ଫେରୁଥିବା ବେଳେ ରବିବାର ତାଙ୍କ ଉପରେ ହରିପୁର ଛକଠାରେ ଅଭିଯୁକ୍ତମାନେ ସଂଘବଦ୍ଧ ଆକ୍ରମଣ କରିଥିଲେ। ତାଙ୍କୁ ଚିକିତ୍ସା ଲାଗି ପ୍ରଥମେ ବ୍ରହ୍ମପୁର ବଡ ମେଡିକାଲ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ମାଟ୍ରିକ ରେଜଲ୍ଟକୁ ଗୁରୁତ୍ୱ

### ୪୦ ଦିନରେ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କର: ଜିଲାପାଳ

ଛତ୍ରପୁର,୮।୧୨(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲାରେ କିଭଳି ମାଟ୍ରିକ ରେଜଲ୍ଟ ହେବ ସେ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଅଧ୍ୟକ୍ଷତା କରିଥିଲେ। ଜିଲାରେ ମାଟ୍ରିକ୍ ରେଜଲ୍ଟ କିଭଳି ଅଧିକ ସଫଳ ହେବ ସେ ନେଇ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଓ ହାଇସ୍କୁଲ ପ୍ରଧାନ ଶିକ୍ଷକମାନଙ୍କୁ ୪୦ ଦିନରେ ଆକ୍ସନ୍ ପ୍ଲାନ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗଞ୍ଜାମ ଜିଲାରେ ମାଟ୍ରିକ୍ ପାସ୍ ହାର ମୋଟ ୯୭.୧ ପ୍ରତିଶତ ରହିଛି। କିନ୍ତୁ ଛାତ୍ରଛାତ୍ରୀଙ୍କ ସ୍ତରରେ ପାସ୍ ହାରର ମାନ ହାରାହାରି ୬୫ ପ୍ରତିଶତ ତଥା ଏ-୧ ସ୍ତରର ମାର୍କ ଆସୁଥିବା ବିଦ୍ୟାର୍ଥୀଙ୍କ ସଂଖ୍ୟା ବିଚାରକୁ ନେଲେ ଅନ୍ୟ ଜିଲା ତୁଳନାରେ ପ୍ରତିଶତ କମ। ଗୁଣାତ୍ମକମାନ ଦୃଷ୍ଟିରୁ ଜିଲାକୁ ୫ଟି ଶ୍ରେଷ୍ଠ ଜିଲା ମଧ୍ୟରେ ରଖିବାକୁ ହେଲେ ଏହା କିପରି କରାଯିବ ସେ ସମ୍ପର୍କରେ ଜିଲାପାଳଙ୍କ ଉପସ୍ଥିତିରେ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରଛାତ୍ରୀମାନେ ଭଲ ମାର୍କ କିପରି ରଖିବେ, ସ୍କୁଲରେ କିପରି ପ୍ରସ୍ତୁତି ପରୀକ୍ଷା କରାଯାଇ ରେଜଲ୍ଟମାନ ବଢ଼ାଯାଇପାରିବ ସେ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ବୈଠକରେ ଉପସ୍ଥିତ ଥିବା ବେଳେ ଭିଡିଓ କନଫରେନ୍ସ ଜରିଆରେ ୨୨ଜଣ ବିଇଓ ଏବଂ ୬୨୦ ଜଣ ପ୍ରଧାନଶିକ୍ଷୟିତ୍ରୀ ପ୍ରଧାନଶିକ୍ଷକ ଭାଗ ନେଇଥିଲେ।

## ଜାନୁୟାରୀ ୧୨ରୁ ବୁଦ୍ଧଖୋଲ ମହୋତ୍ସବ



ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

ବୁଗୁଡ଼ା,୮।୧୧(କାଳି ଚରଣ ଦାଶ): ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ଆସନ୍ତା ଜାନୁୟାରୀ ୧୨ରୁ ୧୪ ତାରିଖ ମହାଆଡ଼ମ୍ବରରେ ଆୟୋଜିତ ହେବ ବୁଦ୍ଧଖୋଲ ମହୋତ୍ସବ। ପୂର୍ବରୁ କ୍ରମାଗତ ଭାବେ ବୁଦ୍ଧଖୋଲ ପାଦଦେଶସ୍ଥ ମହୋତ୍ସବ ପଡିଆରେ ଆୟୋଜିତ ହୋଇଆସୁଥିବା ଉକ୍ତ କାର୍ଯ୍ୟକ୍ରମ ଜନସମାବେଶ, ଟ୍ରାଫିକ ଓ ପାର୍କିଂ ସମସ୍ୟା କାରଣରୁ ଏଥର ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବା ନେଇ ସ୍ଥିର ହୋଇଛି। ବୁଦ୍ଧଖୋଲ ଉନ୍ନୟନ ସମିତି ସଭାପତି ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ସାଧାରଣ ବୈଠକ ଅବସରରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସର୍ବସମ୍ମତିକ୍ରମେ ନିଆଯାଇଛି। ଉକ୍ତ ବୈଠକ ବୁଦ୍ଧଖୋଲ ପାଦଦେଶସ୍ଥ ଜନ ସୁବିଧା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବୁଦ୍ଧଖୋଲ ଉନ୍ନୟନ ସମିତିର ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ, ବୁଗୁଡ଼ା ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନଙ୍କ ସମେତ ସମିତିର ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ସଦସ୍ୟ ଉପସ୍ଥିତ ରହିଥିଲେ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡ଼ା ପ୍ରତିଯୋଗିତା

କୋଦଳା,୮।୧୨ (ଅମିତ କୁମାର ପଟ୍ଟନାୟକ)

କୋଦଳା ଲକ୍ଷ୍ମୀନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଦାଓାରାମ ବିଷୋୟୀଙ୍କ ନିର୍ଦ୍ଦେଶକ୍ରମେ ଯୁବ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପିଇଟି ଅକ୍ଷୟ କୁମାର ବାରିକ ଓ ସୁବାସ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡା ଯଥା ଭଲିବଲ ଓ ଖୋ ଖୋରେ ଅଂଶ ଗ୍ରହଣ କରିଥିଲେ। ନୋଡାଲ ଅଫିସର ହୃଷୀକେଶ ପ୍ରହରାଜ, ପ୍ରୋଗ୍ରାମ ଅଫିସର ଆଦିତ୍ୟ ପ୍ରସନ୍ନ ମହାପାତ୍ର, ଅଧ୍ୟାପକ ସରୋଜ କୁମାର ଆଚାର୍ଯ୍ୟ, ସମୀର ପରିଡା, ସୁନିତା ପାଣ୍ଡିଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ରୂପେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଛାତ୍ରୀଛାତ୍ର, ପ୍ରତିଯୋଗୀ ଏବଂ ଅନୁଷ୍ଠାନର ସମସ୍ତ କର୍ମଚରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଏକାମ୍ର ପୁସ୍ତକ ମହୋତ୍ସବରେ ନୃସିଂହାନନ୍ଦ ସମ୍ବର୍ଦ୍ଧିତ

ଫୁଲବାଣୀ, ୮।୧୨(ରାକେଶ କୁମାର ରାଉତ):




କନ୍ଧମାଳ ଜିଲାର ବିଶିଷ୍ଟ ସାହିତ୍ୟିକ ଡଃ ନୃସିଂହାନନ୍ଦ ମହାପାତ୍ରଙ୍କୁ ଭୁବନେଶ୍ୱରରେ ଆୟୋଜିତ ଏକାମ୍ର ପୁସ୍ତକ ମହୋତ୍ସବ 'ଅକ୍ଷର' ତରଫରୁ ସମର୍ଦ୍ଧିତ କରାଯାଇଛି। ଉକ୍ତ ସାରସ୍ୱତ ତଥା ଆଧ୍ୟାତ୍ମିକ ସଭା, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭାରେ 'ଶ୍ରୀମନ୍ଦିର ପ୍ରଶାସକଙ୍କ ଅନୁଭୂତିରେ ଶ୍ରୀଜଗନ୍ନାଥ' ଶୀର୍ଷକକୁ ନେଇ ସାହିତ୍ୟିକ ବିଭୂତି ପଟ୍ଟନାୟଜ ମୁଖ୍ୟ ଅତିଥି, ଅନ୍ତର୍ଜାତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ମୁଖ୍ୟବକ୍ତା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ସ୍ୱତନ୍ତ୍ର ଅତିଥି, ଗବେଷକ ଡ଼ଃ.ଭାସ୍କର ମିଶ୍ର ସମ୍ମାନିତ ବକ୍ତା, ଗବେଷକ ମୋହିନୀ ମୋହନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଡାକ୍ତର ଇନ୍ଦ୍ରମଣି ଜେନାଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଭାସ୍କର ଚନ୍ଦ୍ର ଜେନା, ଡ଼ଃ ଅଭୟ କୁମାର ନାୟକ, ପୀତବାସ ରାଉତରାୟ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଡ଼ଃ. ନୃସିଂହାନନ୍ଦ ମହାପାତ୍ରଙ୍କ ଏକ ଆଧ୍ୟାତ୍ମିକ ପୁସ୍ତକ 'ହିମାଳୟର ସାଧୁ ସନ୍ଥ ବାଣୀ' ଉନ୍ମୋଚିତ ହୋଇଥିଲା। ଡ଼ଃ. ନୃସିଂହାନନ୍ଦ ମହାପାତ୍ର ଫୁଲବାଣୀ ତଥା ରାଜ୍ୟର ଜଣେ ଆଗ ଧାଡ଼ିର ସାହିତ୍ୟିକ। ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ସେ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏପର୍ଯ୍ୟନ୍ତ ତାଙ୍କର ୩୦ରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇସାରିଛି। ଅଧୁନା ସେ ଫୁଲବାଣୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ସହ ତାଲିମପ୍ରାପ୍ତ ଅଧିକାରୀ ଅଛନ୍ତି।

## ଋଷିକୁଲ୍ୟା ସ୍ନାତକ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ସୋରଡା,୮।୧୨(ଲମ୍ବୋଦର ପାଣିଗ୍ରାହୀ):

ସ୍ଥାନୀୟ ଋଷିକୁଲ୍ୟା ସ୍ନାତକ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅଧ୍ୟକ୍ଷ ରମେଶ ଚନ୍ଦ୍ର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ହୋଇଛି । ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି କଲେଜରୁ ବାହାରି ନଗର ପରିକ୍ରମା କରିଥିଲେ। । ଆଇଆଇସି ଅନିଲ କୁମାର ପରିଡା, ସାମାଜିକ କର୍ମୀ ରବୀନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ସଡକ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ । ଅଧ୍ୟାପକ ଡାଃ ହୃଷୀକେଶ ମିଶ୍ରଙ୍କ ପରିଚାଳନାରେ ସମସ୍ତ ଛାତ୍ରଛାତ୍ରୀ ଯୋଗଦେଇ ଯୁବ ପିଢିଙ୍କ ସମାଜରେ ଭୂମିକା ସଂକ୍ରାନ୍ତରେ କହିଥିଲେ। ପ୍ରଥମ ଦିବସରେ ଗଳ୍ପ କଥନ ବୌଦ୍ଧିକ ବିକାଶ, ବକ୍ତୃତା ପ୍ରତିଯୋଗିତା ହୋଇଥିଲା । ସଭାପତି ଶିବଶଙ୍କର ଦାସ, ଅଧ୍ୟାପକ ପ୍ରଦୀପ କୁମାର ସାଇଁ, ସୁଧାଂଶୁ ଶେଖର ପଣ୍ଡା, ସିପ୍ରାରଣୀ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଖଲ୍ଲିକୋଟ ପଞ୍ଚାୟତ ସମିତି ବୈଠକ

ଖଲ୍ଲିକୋଟ,୮।୧୨(ପ୍ରଶାନ୍ତ କୁମାର ମିଶ୍ର)




ଅଧିବେଶରେ ଉପସ୍ଥିତ ଅତିଥି ।

ଖଲ୍ଲିକୋଟ ପଞ୍ଚାୟତ ସମିତିର ସପ୍ତମ ସାଧାରଣ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଦୈତାରି ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟ ଅତିଥି, ବିଡିଓ ଦେବାଶିଷ ସାମଲ, ତହସିଲଦାର ଶ୍ରୀକୁମାର ରଥ, ଏଇ ହରେକୃଷ୍ଣ ସାହୁ, ବ୍ଲକ ଉପାଧ୍ୟକ୍ଷା ଭାରତୀ ମହାରଣା, ସିଡିପିଓ ପଦ୍ମିନୀ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ।

ଜିପିଓ କୃଷ୍ଣଚନ୍ଦ୍ର ପଣ୍ଡା ଏହାର ପରିଚାଳନା କରିଥିଲେ। ଏହି ବୈଠକରେ ସ୍ୱାସ୍ଥ୍ୟ ଓ ମହିଳା ଶିଶୁ ବିକାଶ, ଜଳ ସେଚନ, ଉଦ୍ୟାନ କୃଷି, ଗଣ ଶିକ୍ଷା, ଖାଦ୍ୟ ଯୋଗାଣ ସମସ୍ତ ବିଷୟ ଉପରେ ଆଲୋଚନା ହୋଇଥିଲା। କେତେକ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନଥିବାରୁ କନକା ସରପଞ୍ଚ ରେଖା ଜାଲି ଏବଂ ଶ୍ରୀକୃଷ୍ଣ ଶରଣପୁର ସରପଞ୍ଚ ରୁବିଲତା ସାହୁ ନୂତନ ଗୃହ ନିର୍ମାଣ ପାଇଁ ଦାବି କରିଥିଲେ। ତହସିଲଦାର ଶ୍ରୀକୁମାର ମିଶ୍ର ଆବାସ ଯୋଜନାରେ ପାଉଥିବା ହିତାଧିକାରୀଙ୍କ ଜମିଜମା ସମ୍ବନ୍ଧୀୟ କାଗଜପତ୍ରରେ ତୃଟି ଥିଲେ ରାଜସ୍ୱ ବିଭାଗ ପକ୍ଷରୁ ସମାଧାନ କରାଯିବ ବୋଲି କହିଥିଲେ।

ବୈଠକରେ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ ଗନ୍ତାୟତ, ଏଏଚଓ ପ୍ରଶାନ୍ତ କୁମାର ବେହେରା, ଏପିଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ପିଆଇ ସଭ୍ୟ ଉପସ୍ଥିତ ଥିଲେ।

